# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th November - 2024**

**News Editor : *Itishree Singh Rathaur***

***********************************

***Desk***

## ମୁଖ୍ୟମନ୍ତ୍ରୀ – ଝାଡ଼ଖଣ୍ଡ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଷଢ଼େଇକଳା-ଖରସୁଆଁ ଓ ସିଂହଭୂମ୍‌ରେ ଆୟୋଜିତ ଦୁଇଟି ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କର ଝାଡ଼ଖଣ୍ଡ ଗସ୍ତ ଯୋଗୁଁ ଭୁବନେଶ୍ୱରଠାରେ ଆଜି ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ୍ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି

ସୁପ୍ରିମ୍‌କୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା ଆଜି ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବାହ୍ନ

୧୦ଟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଉତ୍ସବରେ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥପାଠ କରାଇବେ । ଜଷ୍ଟିସ୍ ଖାନା ୨୦୧୯ ମସିହା ଜାନୁୟାରୀରୁ ସୁପ୍ରିମ୍‌କୋର୍ଟରେ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି । ପ୍ରଧାନ ବିଚାରପତି ପଦବୀରେ ଜଷ୍ଟିସ୍ ଖାନ୍ନା ୨୦୨୫ ମସିହା ମେ ମାସ ୧୩ ତାରିଖ ପର୍ଯ୍ୟନ୍ତ ରହିବେ । ଗତମାସ ୧୬ ତାରିଖରେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ପରବର୍ତ୍ତୀ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ଖାନ୍ନାଙ୍କ ନାମ ସୁପାରିସ କରିଥିଲେ ।

***Desk***

# ମହିଳା କୋର୍ଟ

ରାଜ୍ୟରେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟ ନେଇ ଆଉ ୪ଟି ମହିଳା କୋର୍ଟ ସ୍ଥାପନ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏ ସମ୍ବନ୍ଧୀୟ ପ୍ରସ୍ତାବ ଖୁବ୍‌ଶୀଘ୍ର ଓଡ଼ିଶା ହାଇକୋର୍ଟକୁ ପଠାଯିବ । ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ବିଚାର କରିବାପାଇଁ ଏହି ସ୍ୱତନ୍ତ୍ର କୋର୍ଟ ଖୋଲିବ । ଏଥିରେ ମହିଳା ବିଚାରପତି ଏବଂ ସରକାରୀ ଓକିଲ ରହିବେ ।

*Desk*

# ନୂତନ ଘରୋଇ ସ୍କୁଲ୍

ଆସନ୍ତା ଶିକ୍ଷାବର୍ଷରେ ରାଜ୍ୟରେ ନୂତନ ଘରୋଇ ସ୍କୁଲ୍ ଖୋଲିବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି । ଏଥିପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି । ଆବେଦନ ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀମାନେ ସ୍କୁଲ୍‌ର ଭିତ୍ତିଭୂମି ଓ ସମସ୍ତ କାଗଜପତ୍ର ଯାଞ୍ଚ୍ କରି ଆସନ୍ତା ୨୧ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ରିପୋର୍ଟ ଦାଖଲ କରିବେ । ସ୍ଥିତି ଅନୁଧ୍ୟାନ ପରେ ସରକାରଙ୍କ ପକ୍ଷରୁ ଡିସେମ୍ବର ୧୦ ତାରିଖ ସୁଦ୍ଧା ନିର୍ଦ୍ଦେଶାଳୟ ପକ୍ଷରୁ ନୂଆ ସ୍କୁଲ୍ ଖୋଲିବାପାଇଁ ପଦକ୍ଷେପ ନିଆଯିବ ।

*IPR*

# ବାନର ଖୁଆଡ଼

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିଶ୍ୱ ବାନର ଖୁଆଡ଼ ଗତକାଲି ଉଦ୍‌ଘାଟିତ ହୋଇଛି । ଜଙ୍ଗଲ, ପରିବେଶ ଓ ଜାବଲୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ପ୍ରାଣୀ ଉଦ୍ୟାନରେ ନିର୍ମାଣ କରାଯାଇଥିବା ନୂତନ ବିଦେଶୀ ବାନର ଖୁଆଡ଼କୁ ଉଦ୍‌ଘାଟନ କରି କହିଛନ୍ତି, ଏହି ଖୁଆଡ଼ରେ ବିଶ୍ୱର ୭ ପ୍ରଜାତିର ମାଙ୍କଡ଼ ରଖାଯାଇଛି । ସୂଚନାଯୋଗ୍ୟ, ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖୁଆଡ଼ସମୂହଟି ୧୩ ହଜାର ୬୬୫ ବର୍ଗଫୁଟ ଅଞ୍ଚଳରେ ପ୍ରସ୍ତୁତ କରାଯାଇଛି ।

*Ganjam/R*

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ - ଆଇଜର

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ଆଇଜର୍‌ର ୧୬ତମ ଆନ୍ତର୍ଜାତିକ ବୈଜ୍ଞାନିକ ସମ୍ମିଳନୀରେ ସଂସ୍ଥାର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲୀଙ୍କ ସମେତ ଉନ୍ନୟନ କମିଶନର୍ ଅନୁ ଗର୍ଗ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ନୋବେଲ ପୁରସ୍କାର ବିଜେତା ଆମେରିକାର ବୈଜ୍ଞାନିକ ଡବ୍ଲ୍ୟୁ.ଇ. ମୋଇରେନ୍ ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ପ୍ରଫେସର ଲୁଇସ୍ ଇ. ବ୍ରୁଶ୍ ଅନ୍‌ଲାଇନ ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ ।

*Ganjam/R*

# ଅନୁ ଗର୍ଗ

ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀମତୀ ଗର୍ଗ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ମହାନଦପୁର ଗ୍ରାମରେ ଥିବା ଇଟାଗଡ଼ିଆ ବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ ।

*Bhadrak/R*

# ଆଖଣ୍ଡଳମଣି - ପଞ୍ଚୁକ

ଭଦ୍ରକର ବାବା ଆଖଣ୍ଡଳମଣିଙ୍କ ପୀଠରେ ଆଜିଠାରୁ ପଞ୍ଚୁକ ବ୍ରତ ଆରମ୍ଭ ହୋଇଛି । ମଙ୍ଗଳ ଆଳତୀ, ଘର୍ଷଣ ଭୋଗ ଲାଗି ସହିତ ପୂଜାର୍ଚ୍ଚନା ଚାଲିଛି । ବାବା ଆଖଣ୍ଡଳମଣିଙ୍କ ଯୋଗୀ, ଦିଗମ୍ବର ଓ ବଡ଼ସିଂହାର ବେଶ ହେଉଥିବାରୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନପାଇଁ ମନ୍ଦିରରେ ସକାଳୁ ଭିଡ଼ ପରିଲକ୍ଷିତ ହୋଇଛି ।

*Puri/R*

# ହରିହର ବେଶ

ପୁରୀ ଶ୍ରୀମନ୍ଦିରରେ ରତ୍ନ ସିଂହାସନରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କର ଆଜି ହରିହର ବେଶ ଅନୁଷ୍ଠିତ ହେଉଛି । ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରିବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧା-ଦାମୋଦର ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ସେହିଦିନ ବଡ଼ଠାକୁରଙ୍କର ହରିହର ବେଶ ଅନୁଷ୍ଠିତ ହୋଇଥାଏ ।

*Desk*

# ଜାତୀୟ ଶିକ୍ଷା ଦିବସ

ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କ ଜନ୍ମଦିନ ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି । ଦେଶ ସ୍ୱାଧୀନ ହେବା ପରେ ସ୍ୱର୍ଗତ ମୌଲାନା ଅବୁଲ୍ କଲାମ ଆଜାଦ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖଠାରୁ ୧୯୫୮ ମସିହା ଫେବୃୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଭାରତର ଶିକ୍ଷାମନ୍ତ୍ରୀ ଥିଲେ । ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନଙ୍କୁ ଶିକ୍ଷିତ କରିବାପାଇଁ ସ୍ୱର୍ଗତ ଆଜାଦଙ୍କ ବଡ଼ ଅବଦାନ ଥିଲା । ଶିକ୍ଷାମନ୍ତ୍ରୀ ଥିବା ସମୟରେ ସ୍ୱର୍ଗତ ଆଜାଦ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିଥିଲେ । ବୈଷୟିକ ଶିକ୍ଷାକ୍ଷେତ୍ରରେ ଆଇ.ଆଇ.ଟି.ଗୁଡ଼ିକ ସ୍ଥାପନପାଇଁ ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଚିରସ୍ମରଣୀୟ ହୋଇ ରହିବେ । ଆର୍ଥିକ କ୍ଷେତ୍ର ସହ ବୌଦ୍ଧିକ ବିକାଶରେ ଶିକ୍ଷା କିପରି ଅଧିକରୁ ଅଧିକ ଫଳପ୍ରଦ ହୋଇପାରିବ, ମୌଲାନା ଅବୁଲ୍ କଲାମ ଆଜାଦଙ୍କର ଲକ୍ଷ୍ୟ ଥିଲା । ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଏବଂ ପ୍ରୌଢ଼ଶିକ୍ଷାର ବାର୍ତ୍ତା ନେଇ ଆଜି ଏହି ଦିବସ ପାଳନ କରାଯାଉଛି ।

*****